# Akashvani, Sambalpur

## SAMBALPURI NEWS BULLETIN

### 12 July 2024- 6.47- 6.52 am.

*********************************************

ରଥ- ଦକ୍ଷିଣମୋଡ଼ ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀଗୁଣ୍ଡିଚା ମନ୍ଦିର୍ ସିଂହଦୁଆର ଆଗାଡ଼େ ଥିବା ମାହାପୁରୁମାନ୍‌କର୍ ତିନ୍‌ହି ରଥର ଦକ୍ଷିଣମୋଡ଼ ହେବା । ତିନ୍‌ହି ରଥକେ ଆଏଜ୍ ଘିଚିକରି ନାକଚଣା ଦୁଆରକେ ନିଆଯିବା । ପହେଲା ଦର୍ପଦଳନ, ତାର୍ ଉତ୍‌ରୁ ତାଳଧ୍ୱଜ ଆର୍ ଶେଷେ ନନ୍ଦିଘୋଷ ରଥ ଘିଚାଯିବା । ଇତାର୍ ଆଘୋନୁ ଗଲାକାଏଲ୍ ତିନ୍‌ହି ରଥର ଥିତି ଯାଂଚ୍ କରାଯାଇଛେ । ମୁଖ୍ୟ ବିଶ୍ୱକର୍ମା, ଭୋଇ ସେବକ, କମାରସେବକ, ଇଞ୍ଜିନିୟର୍ ଆର୍ ରଥ ଯାଂଚ୍ କମିଟିରଙ୍କର୍ ତତ୍ୱାବଧାନ୍‌ଥି ଇ ଥିତି ଯାଂଚ୍ କରାଯାଇଥିଲା ।

ହେରାପଂଚ୍‌ମୀ ନୀତି ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଗଲାକାଏଲ୍ ରାତି ହେରାପଂଚ୍ମୀ ନୀତି ଶେଷ୍ ହେଇଛେ । ସେବକ ଆଉ ଦାସୀମାନ୍‌କର୍ ସାଙ୍ଗେ ମହାଲକ୍ଷ୍ମୀ ଶରଧାବାଲି ନ ବିଜେ ହେଇକରି ନନ୍ଦିଘୋଷ ରଥ ଭାଙ୍ଗିଛନ୍ । ରଥ ନ ଲାଗିଥିବା ହଂସ ପଟାର ଗୁଟେ ଅଂଶକେ ମହାଲକ୍ଷ୍ମୀଙ୍କର୍ ତର୍ଫୁ ସେବକମାନେ ଭାଙ୍ଗିଥିଲେ । ଇତାର୍‌ଉତ୍ରୁ ଶ୍ରୀଗୁଣ୍ଡିଚା ଘରେ ବିଜେ ହେଇକରି ମହାଲକ୍ଷ୍ମୀ ମାହାପୁରୁଙ୍କର୍ ଆଜ୍ଞାମାଳ ପାଇଥିଲେ । ତାର୍ ଉତ୍ରୁ ହେରାଗୌରୀ ସାହି ଦେଇକରି ମହାଲକ୍ଷ୍ମୀ ଶ୍ରୀମନ୍ଦିର୍‌କେ ଫିରିଛନ୍ । ଇ ବିଶେଷ୍ ନୀତି ଲାଗି ବଡ଼ଦାଣ୍ଡ ନ ଆଧାତ୍ମିକ ପରିବେଶ୍ ଦେଖିବାର୍‌କେ ମିଳିଥିଲା ।

## ସେବାନିବୃତ ଅଗ୍ନିବୀର-୧୦ ପ୍ରତିଶତ୍ ସଂରକ୍ଷଣ

ଆର୍‌ଏନ୍‌ୟୁ /ସମ୍ବଲପୁର

ସେବାନିବୃତ ଅଗ୍ନିବୀର ମାନ୍‌କୁ ସିଆଇଏସ୍‌ଏଫ୍, ବିଏସ୍‌ଏଫ୍, ସିଆର୍‌ପିଏଫ୍, ଏସ୍‌ଏସ୍‌ବି ବାଗିର୍ କେନ୍ଦ୍ରୀୟ ସଶକ୍ତ ପୁଲିସ୍ ବାହିନୀର୍ କନ୍‌ଷ୍ଟେବଲ୍ ପଦ୍‌ବୀ ଲାଗି ୧୦ ପ୍ରତିଶତ୍ ସଂରକ୍ଷଣ୍ ବ୍ୟବସ୍ଥା ଲାଗୁ କରାଯିବା । ଇଥିର୍‌ଲାଗି ସବୁ ତୟାରି ଶେଷ୍ ହେଇଛେ ବଲି ସିଆଇଏସ୍‌ଏଫ୍‌ର ମହାନିର୍ଦ୍ଦେଶକ୍ ନୀନା ସିଂ କହିଛନ୍ । ସେ କହିଛନ୍ ଯେ, ସେବାନିବୃତ ଅଗ୍ନିବୀରଙ୍କର୍ ଲାଗି

ଶାରୀରିକ ଦକ୍ଷତା ପରୀକ୍ଷା ଛାଡ଼୍ କରାଯିବା । ଇତାର୍ଛଡ଼ା ସେମାନ୍କର୍ ବୟସସୀମା ଭିଲ୍ କୋହଲ କରାଯିବା । ପହେଲା ବେଚ୍ ଲାଗି ୫ ବଛର୍ ଆଉ ପରବର୍ତୀ ବେଚ୍ ଲାଗି ୩ ବଛର୍ ବୟସ କୋହଲ ହେବା ।

ଖାଦ୍ୟ ସାମଗ୍ରୀ, ପରିବା ଦାମ୍ ତାଲିକା ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ୍ ତର୍ଫୁ ଭିନ୍ ଭିନ୍ ଖାଦ୍ୟ ସାମଗ୍ରୀ ଆଉ ପରିବା ଦାମ୍ର ତାଲିକା ଜାରି କରାଯାଇଛେ । ବ୍ୟବସାୟୀମାନେ ତାଲିକାଥି ଥିବା ଦାମ୍ ନୁ ଅଏତ୍କା ଦାମ୍ଥି ଦରବ୍ ବିକ୍ଲେ ସେମାନ୍କର୍ ବିରୋଧ୍ ନ ବିଭାଗ୍ ତର୍ଫୁ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ସୂଚ୍ନା ମିଲିଛେ । ବିଭାଗ୍ ତର୍ଫୁ ଭୁବ୍ନେଶ୍ୱର୍ ସହେତେ କଟକ୍, ସମ୍ବଲପୁର୍, ରାଉର୍କେଲା, ବ୍ରହ୍ମପୁର୍, ବାଲେଶ୍ୱର୍, ଜୟପୁର୍ ଆଉ ବଲାଙ୍ଗିର୍ ବାଗିର୍ ସହରର୍ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଆର୍ ପରିବା ଦାମ୍ର ତାଲିକା ବାହାରିଛେ ।

ଧାନ୍- ଏମ୍ଏସ୍ପି ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ- ଏମ୍‌ଏସ୍‌ପି କୁଇଂଟାଲ୍ ପିଛା ୩୧ ଶହ ଟଙ୍କା ଧାରିଜ୍ କରିଛନ୍ । ଆଏବା ଖରିଫ୍ ଋତୁଥି ଇଟା ଲାଗୁ କରାଯିବା । ଚାଷୀମାନେ ଯେନ୍ତା ସୁବିଧାଥି ଧାନ୍ ବିକି କରି ଟଙ୍କା ପାଇପାର୍‌ବେ ସେଥିର୍‌ଲାଗି ଧାନ୍ ଦେବାର୍‌କେ ରାଜ୍ୟ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଆଏବା ଖରିଫ୍ ଋତୁଥି ଧାନ୍ ଘିନ୍‌ବାର୍ ନେଇକରି ମନ୍ତ୍ରୀ ଶ୍ରୀ ପାତ୍ରଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଗୁଟେ ସମନ୍ୱୟ ବୈଠକ୍ ହେଇଥିଲା । ବୈଠକ୍‌ଥି ରାଏଜେ ଥିବା ମଣ୍ଡି ଆଉ ଧାନ୍ ଘିନ୍‌ବାର୍ ବାବ୍‌ଦେ ଚାଲୁଥିବା ବ୍ୟବସ୍ଥା ଉପ୍‌ରେ ଅଧିକାରୀମାନ୍‌କର୍‌ନୁ ମନ୍ତ୍ରୀ ଶ୍ରୀ ପାତ୍ର ପଚ୍‌ରେଇକରି ବୁଝିଥିଲେ ।

ଛାତ୍ରଛାତ୍ରୀ ପ୍ରମାଣପତ୍ର ଆର୍‌ଏନ୍‌ୟୁ / ସମ୍ବଲପୁର

ଜାତିଗତ, ଆୟ, ବାସସ୍ଥାନ ବାଗିର୍ ପ୍ରମାଣ୍‌ପତ୍ର ଧାରିଜ୍ ସମିଆ ଭିତ୍‌ରେ ଆବେଦନ୍‌କାରୀଙ୍କୁ ଦେବାର୍‌କେ ତହସିଲ୍‌ଦାର୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଭୁବ୍‌ନେଶ୍ୱର୍ ନ ଗଲାକାଏଲ୍ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍‌ର ହେଇଥିବା ସମୀକ୍ଷା

ବୈଠକ୍‌ରୁ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସତ୍ୟବ୍ରତ ସାହୁ ଇ ନିର୍ଦ୍ଦେଶ୍ ଦେଇଛନ୍ । ସେ କହିଛନ୍ ଯେ, ସବୁ ପ୍ରମାଣ୍‌ପତ୍ର ଦେବାର୍ ଲାଗି ସମିଆ ଧାରିଜ୍ କରାଯାଇଛେ । ଧାରିଜ୍ ସମିଆ ଭିତ୍‌ରେ ଛାତ୍ରଛାତ୍ରୀମାନେ ଯେନ୍ତା ଇ ସବୁ ପ୍ରମାଣ୍‌ପତ୍ର ପାଏବେ ସେଥିର୍‌ଲାଗି ତହସିଲ୍‌ଦାର୍‌ମାନେ ଜୋର୍ ଦଉନ୍ ଶ୍ରୀ ସାହୁ କହିଛନ୍ ।

ହଷ୍ଟେଲ୍ ତିଆରି- ବିଦ୍ୟାଳୟ ଆଉ ଗଣଶିକ୍ଷାମନ୍ତ୍ରୀ

ଆର୍‌ଏନ୍‌ୟୁ /ସମ୍ବଲପୁର

ଶିକ୍ଷା ଜରିଏ ଜନଜାତି ଛାତ୍ରଛାତ୍ରୀମାନ୍‌କୁ ସଶକ୍ତ କର୍‌ବାର୍ ଲାଗି ଭିତିଭୂମି ବିକାଶ୍‌ର ଦର୍‌କାର୍ ରହିଛେ । ଇଥିର୍‌ଲାଗି ରାଏଜେ ୪ ଶହ ୫୦ ଟା ଆବାସିକ ସ୍କୁଲ୍ ନ ଯୁଦ୍ଧକାଲୀନ ଭିତିରୁ ହଷ୍ଟେଲ୍ ତିଆର୍ କରାଯିବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ ।

ଅରବିନ୍ଦ ପାଢ଼ୀ-ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ଆର୍‌ଏନ୍‌ୟୁ /ସମ୍ବଲପୁର

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ କୃଷି ବିଭାଗ୍‌ର ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀଙ୍କୁ ନିଯୁକ୍ତ କରାଯାଇଛେ । ଇ ବାବ୍‌ଦେ ଗଲାକାଏଲ୍ ଆଇନ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଶ୍ରୀ ପାଢ଼ୀ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ତୁଲାବାର୍ ସହେତେ ପରବର୍ତ୍ତୀ ନିର୍ଦ୍ଦେଶ୍‌ନାମା ବାହାର୍‌ବାର୍‌ତକ୍ କୃଷି ବିଭାଗ୍‌ର ପ୍ରମୁଖ ସଚିବ ଦାୟିତ୍ୱଥି ଭିଲ୍ ରହେବେ ।

ପିଏମ୍ ପୋଷଣ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ପିଏମ୍ ପୋଷଣ୍ ବାବ୍‌ଦେ ଭୁବ୍‌ନେଶ୍ୱର୍ ନ ୨ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ୍ ଗଲାକାଏଲ୍ ମୁଲ୍ ହେଇଛେ । ଇଥି ଗୁଣବତା ଯୁକ୍ତ ଖାଦ୍ୟ ତିଆର୍ କର୍‌ବାର୍, ଭଲ୍ ମାନର୍ ଜିନିଷ୍ ବେଭାର୍ କର୍‌ବାର୍, ରାନ୍ଧ୍‌ବାର୍ ପ୍ରଣାଳୀ, ଆବର୍ଜନା ପରିଚାଳନା, ପୋଷଣ୍ ଉଦ୍ୟାନର ଉନ୍ନତିକରଣ୍ ବାବ୍‌ଦେ ଆଲୋଚନା ହେଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ପିଏମ୍ ପୋଷଣ୍, ମିଳିତ ଜାତିସଂଘ, ବିଶ୍ୱ ଖାଦ୍ୟ ସଂଗଠନ୍ ଆଉ ରାଜ୍ୟ ବିଦ୍ୟାଳୟ ଆର୍ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଇ କାର୍ଯ୍ୟକ୍ରମ୍ କରାଯିବା । ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ୍ କାର୍ଯ୍ୟକ୍ରମ୍‌ଥି

ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଆଏବା ମାସ ୭ ତାରିଖ୍ତକ୍ ଇ ପ୍ରଶିକ୍ଷଣ ୮ ଟା ଖେପେ ଚାଲ୍ବା ।

ବର୍ଗଡ୍- ହେରାପଂଚ୍ମୀ ବର୍ଗଡ୍ ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ଶ୍ରୀକ୍ଷେତ୍ର ବର୍ଗଡ୍ ଜିଲ୍ଲା ଭଟ୍ଲି ଠାନେ ଚାଲିଥିବାର୍ ରଥଯାତ୍ରାର୍ ଗଲାକାଏଲ୍ହେରାପଂଚ୍ମୀ ନୀତି ହେଇଯାଇଛେ । ଗୁଟେ ସୁସଜ୍ଜିତ ରଥଥି ମହାଲକ୍ଷ୍ମୀ ମାଉସୀମା ମନ୍ଦିର୍କେ ଆସିଥିଲେ । ଇତାର୍ଉତ୍ରୁ ସେବକମାନେ ମହାଲକ୍ଷ୍ମୀଙ୍କର୍ ତର୍ଫୁ ନନ୍ଦିଘୋଷ ରଥର୍ କିଛି ଅଂଶ ଭାଙ୍ଗିଥିଲେ । ଇତାର୍ସହେତେ ପଂଚ ଉପଚାର ବିଧିଥି ମହାଲକ୍ଷ୍ମୀଙ୍କର୍ ପୂଜା କରାଯାଇଥିଲା ।

ଏଲ୍ଏଲ୍ବି ନାଁଲେଖା ଆର୍ଏନ୍ୟୁ /ସମ୍ବଲପୁର

୩ ବର୍ଷିଆ ଏଲ୍ଏଲ୍ବି ନାଁଲେଖା ଆବେଦନ୍ ଗଲାକାଏଲ୍ ଶେଷ୍ ହେଇଛେ । ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ସାମ୍ସ ୱେବ୍ସାଇଟ୍ ଜରିଆଥି ଚାଲିଥିବା ନାଁଲେଖା ପ୍ରକ୍ରିୟାଥି ୩ ଶହ ୮୦ ଟା ସିଟ୍ ଲାଗି ୨ ହଜାର୍ ଶହେ ୯ ଜନ୍ ଆବେଦନ୍ କରିଥିବାର୍ ବେଲେ ୧

ହଜାର୍ ୮ ଶହ ୫୩ ଜଣ୍ ଅନ୍‌ଲାଇନ୍ ଫି ଦାଖଲ୍ କରିଛନ୍ । ନାଁଲେଖା ପ୍ରକ୍ରିୟାଥି ୩ ଟା ଶିକ୍ଷାନୁଷ୍ଠାନ୍ ଯୋଗ୍ ଦେଇଛନ୍ । ଉଚ୍ଚଶିକ୍ଷା ବିଭାଗ୍‌ର ବିଜ୍ଞପ୍ତି ଅନ୍‌ସାରେ ୧୮ ତାରିଖ୍ ଦିନ ପହେଲା ଚୟନ ତାଲିକା ବାହାର୍‌ବା ।